# ଅନୁଗୋଳ ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରଥମ ପର୍ଯ୍ୟାୟ

# EVM Randomisation.

ଚଳିତ ନିର୍ବାଚନରେ ଭୋଟ ଗ୍ରହଣ ନିମନ୍ତେ ପୁରୁଣା ବାଣିଜ୍ୟକର କାର୍ଯ୍ୟାଳୟର ଜିଲ୍ଲା ଷ୍ଟ୍ରଙ୍ଗ ରୁମ୍‌ରେ ଥିବା ୨୭୮୮ଟି ବାଲାଟ ୟୁନିଟ୍ ,୨୭୮୬ଟି କଣ୍ଟ୍ରୋଲ ୟୁନିଟ୍ ଓ ୩୦୧୦ଟି ଭି ଭି ପାଟର ଆଜି **Randomisation** କାର୍ଯ୍ୟ ଆରମ୍ଭ ହୋଇଛି । ଅନୁଗୋଳର ଏନ୍ ଆଇ ସି ଠାରେ ଆଜି ପୂର୍ବାହ୍ନରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମ୍ମୁଖରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏହି **Randomisation** କାର୍ଯ୍ୟକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ସମସ୍ତ ଇ ଭି ଏମ୍ ଓ ଭି ଭି ପାଟ ମେସିନ୍‌ଗୁଡିକ ଇ ଏମ୍ ଏସ୍ ସଫ୍ଟୱେର ମାଧ୍ୟମରେ **Randomisation** କରାଯାଇଛି । ଏନ୍ ଆଇ ସି ର ଡି ଆଇ ଓ ଶ୍ରୀ ସୁବ୍ରତ କୁମାର ଚାଟାର୍ଜୀ ଏହି **Randomisation**କୁ ନିର୍ବାଚନ କମିଶନଙ୍କ ୱେବ ସାଇଟରେ ଅନଲାଇନ୍ ମାଧ୍ୟମରେ କାର୍ଯ୍ୟକାରୀ କରିଥିଲେ । **Randomisation** ଅନୁଯାୟୀ ସମସ୍ତ ଇ ଭି ଏମ୍ ମେସିନ୍ ଜିଲ୍ଲା ଷ୍ଟ୍ରଙ୍ଗ ରୁମରୁ ୫ଟି ବିଧାନସଭା ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳଙ୍କ ଷ୍ଟ୍ରଙ୍ଗ ରୁମକୁ ଆଜି ଠାରୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟ ଆସନ୍ତା ୨ ଦିନ ମଧ୍ୟରେ ଶେଷ ହେବ । ପ୍ରଥମ ପର୍ଯ୍ୟାୟ **Randomisation** କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର ଶ୍ରୀ ବୈଦ୍ଯୁରା ଟିପ୍,ଆସିଷ୍ଟାଣ୍ଟ କଲେକ୍ଟର ଶ୍ରୀ ଲମ୍ବୋଦର ମାରାଣ୍ଡି ଓ ସୋଫି ସାଇନିକାଙ୍କ ସମେତ ତହସିଲଦାର, ରାଜନୈତିକ ଦଳର ପ୍ରତିନିଧି ଓ ଏନ୍ ଆଇ ସିର କର୍ମଚାରୀମାନେ ଉପସ୍ଥିତ ଥିଲେ ।


NIC ANGUL
NIC
ANGUL


NIC ANGUL